A Newsletter of TPSODL

# ଅରୁଣିମା Arunima

Vol-1 | Issue 3 | January 2023

## CEO's Desk

*As we complete three remarkable years, I extend my heartfelt wishes to each of you. Your dedication and determination have been the driving force behind our journey.*

*Over the past years, we have overcome many challenges and have shown considerable improvement in the field of operation, technology, and customer services bringing impactful changes in the field of power distribution. One noteworthy achievement has been the integration of technology into our fieldwork. Along with this, we have taken a series of initiatives to inculcate a safety culture among employees.*



*This year we encountered the wrath of Kalabaisakhi which tested our resilience. Despite the power disruption, our team worked tirelessly to restore power supply in minimum time, even in the remotest location and in the deep forest. In addition to this, we have also set up our Hinjilicut and Aska CRCs improving our consumer connection, which also contributed to local employment in the areas.*

*Aligning with Tata Power's campaign 'Duniya Kiske Hawale?', a call-out for safeguarding our planet, we are educating students about energy conservation through Club Enerji.*

*As we embark on our fourth year, let us continue to learn, adapt, and apply our knowledge to action. Together, let's surpass our goal and our consumer expectations.*

**- Amit Kumar Garg**

## ନୂଆ ଆଲୋକରେ ଆଲୋକିତ ଗାଁ ହରଡ଼ାପାଟୁ



ଦିନ ଥିଲା ସଞ୍ଜ ନଇଁଲେ ଗ୍ରାମବାସୀଙ୍କ ମନରେ ଖେଳି ଯାଉଥିଲା ଭୟର ବାତାବରଣ । ସୂର୍ଯ୍ୟ ଅସ୍ତ ହେବା କ୍ଷଣି ଜଙ୍ଗଲ ପାହାଡ ଘେରା ଗାଁକୁ ମାଡ଼ି ଆସୁଥିଲା ଅନ୍ଧାର । ବିଦ୍ୟୁତ ପହଞ୍ଚି ପାରିନଥିଲା ସେମାନଙ୍କ ଗାଁରେ । ଆଲୋକ ନଥିବାରୁ ପିଲାମାନେ ପାଠ ପଢ଼ି ପାରୁନଥିଲେ । ଏପରିକି ଜଙ୍ଗଲୀ ହିଂସ୍ର ଜନ୍ତୁଙ୍କ ଭୟରେ ଲୋକେ ଘରୁ ବାହାରି ପାରୁନଥିଲେ । କିନ୍ତୁ ଏବେ ପରିସ୍ଥିତି ସୁଧୁରିଛି। ବିଜୁ ଗ୍ରାମ ଜ୍ୟୋତି ଯୋଜନାରେ ଗାଁର ୮ଟି ଘରେ ସୌର ପ୍ୟାନେଲ ଓ ବ୍ୟାଟେରୀ ସଂଯୋଗ କରାଯାଇଛି ।

ଯାହା ଫଳରେ ରାତିରେ ମଧ୍ୟ ଆଲୋକିତ ହେଉଛି ସେମାନଙ୍କ ଘର ଆଉ ଗାଁ ଦାଣ୍ଡ । ଏଥିପାଇଁ ବିଦ୍ୟୁତ ବିଭାଗକୁ ଧନ୍ୟବାଦ ଜଣାଇ ଏଭଳି ସ୍ମୃତି ବଖାଣିଛନ୍ତି ପାତ୍ରପୁର ବ୍ଲକ୍ ଅଧିନସ୍ଥ ହରଡ଼ାପାଟୁ ଗାଁର ଜାଗିଲି ନାୟକ । ସେ କହିଛନ୍ତି, "ଲାଇଟ ନଥିବାରୁ ବହୁତ ଅସୁବିଧା ହେଉଥିଲା । ଏବେ ବିଜୁ ଗ୍ରାମ ଜ୍ୟୋତି ଯୋଜନାରେ ସୋଲାର ଲାଇଟ ଲାଗିବା ପରେ ଆମେ ଖୁସି ଅଛୁ ।"

ହରଡ଼ାପାଟୁ ଗାଁରେ ପାଖାପାଖି ୪୫ ଜଣ ଗ୍ରାମବାସୀ ରୁହନ୍ତି। ଗାଁର ପ୍ରାୟ ସମସ୍ତେ ଜୀବିକା ପାଇଁ ଜଙ୍ଗଲ, ଚାଷବାସ ଓ ପଶୁପାଳନ ଉପରେ ନିର୍ଭର କରନ୍ତି । ସୋଲାର ପ୍ୟାନେଲ ଲାଗିବା ପରେ ସେମାନଙ୍କ ଘର ଆଲୋକିତ ହୋଇପାରିଛି । ଫଳରେ ସନ୍ଧ୍ୟା ସମୟରେ ପାଠ ପଢିବାରେ ସୁବିଧା ହେଉଛି ବୋଲି ଅଷ୍ଟମ ଶ୍ରେଣୀ ଛାତ୍ର ଦେବରାଜ ନାୟକ କୁହନ୍ତି । କେବଳ ହରଡ଼ାପାଟୁ ନୁହେଁ, ବିଜୁ ଗ୍ରାମ ଜ୍ୟୋତି ଯୋଜନାରେ ଅନ୍ତର୍ଭୁକ୍ତ ପାତ୍ରପୁର ବ୍ଲକର ଦୂରନ୍ତ ଅଞ୍ଚଳରେ ଥିବା ବଡ଼ପଦା, ବଣିଆବସା ଆଦି ଗ୍ରାମରେ ମଧ୍ୟ ସୋଲାର ପ୍ୟାନେଲ ମାଧ୍ୟମରେ ବିଦ୍ୟୁତ ଆଲୁଅ ପହଞ୍ଚି ପାରିଛି ।

## WHAT'S INSIDE


**EXECUTIVE SPOTLIGHT** 2
ଓଡ଼ିଶା ଭାରି ଆତ୍ମୀୟ: ମିଲିନ୍ଦ କୁଲକର୍ଣ୍ଣୀ

**CONSUMER CENTRICITY** 3
Sanjog Camp shines a light on customer services

**IN FOCUS** 4
3 Saal Bemisaal

**INSPIRING VOICES** 5
Debashri's Impactful Rural Outreach brings Consumer Trust

**EVENT HUB** 6
ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ

**TRAVEL TREASURES** 7
ବଣଭୂଇଁର ସୌନ୍ଦର୍ଯ୍ୟ-ପୁଟସିଲ

## Executive Spotlight

# ଓଡ଼ିଶା ଭାରି ଆତ୍ମୀୟ: ମିଳିନ୍ଦ କୁଲକର୍ଣ୍ଣୀ

**ଶକ୍ତି କ୍ଷେତ୍ରରେ ଦୀର୍ଘ ୩୦ ବର୍ଷରୁ ଅଭିଜ୍ଞତା ରଖନ୍ତି ମିଳିନ୍ଦ ପ୍ରଭାକର କୁଲକର୍ଣ୍ଣୀ । ଥର୍ମାଲଠାରୁ ଆରମ୍ଭ କରି ବିତରଣ ଆଦି ବିଭିନ୍ନ ବିଭାଗରେ ତାଙ୍କ କାର୍ଯ୍ୟର ସ୍ୱାକ୍ଷର ସ୍ପଷ୍ଟ । ଏବେ ସେ ଟିପିଏସ୍ଓଡିଏଲର ଅପରେସନ ବିଭାଗର ଚିଫ୍ ଭାବେ କାର୍ଯ୍ୟ କରୁଛନ୍ତି । ଏଥର "ଆଳାପ"ରେ ତାଙ୍କ ସହ କଥାବାର୍ତ୍ତା:-**

**ପ୍ରଶ୍ନ- ୩୦ ବର୍ଷରୁ ଅଧିକ ସମୟ ଧରି ଆପଣ ଶକ୍ତି କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି । ମୁମ୍ବାଇଠାରୁ ଓଡ଼ିଶା ପର୍ଯ୍ୟନ୍ତ ଦେଖିଛନ୍ତି । କେମିତି ଏ ରାସ୍ତା, ଏ ଅନୁଭବ ?**

ଉତ୍ତର- ଏ ଯାତ୍ରା ଏକ ଶିକ୍ଷଣର ଧାରା ଯାହାକି ଭାରି ଆନନ୍ଦଦାୟକ ଏବଂ ଆତ୍ମସନ୍ତୋଷରେ ଭରା । ଲୋକଙ୍କ ନିହାତି ଓ ନିତାନ୍ତ ଆବଶ୍ୟକତା ଶକ୍ତି କ୍ଷେତ୍ରରେ ମୁଁ କାର୍ଯ୍ୟ କରିବାର ୩୩ ବର୍ଷ ବିତି ଗଲାଣି । ଏକ ଟ୍ରେନି ଇଞ୍ଜିନିୟର ଭାବେ ଟାଟା ପାୱାରରେ ହିଁ ମୁଁ ମୋ ଚାକିରି ଆରମ୍ଭ କରିଥିଲି ଓ ଆଜି ତିନି ଦଶନ୍ଧି ପରେ ମଧ୍ୟ ସେହି ସମାନ ଉତ୍ସାହରେ କାର୍ଯ୍ୟ ଜାରି ରଖିଛି । ଭଗବାନଙ୍କ ପାଖରେ ଏଥିପାଇଁ ମୁଁ କୃତଜ୍ଞ । କୃତଜ୍ଞ ସେ ପ୍ରତିଟି ସହକର୍ମୀ ଓ ପରାମର୍ଶଦାତାଙ୍କ ପାଖେ ଯେଉଁମାନେ ମତେ ନୂଆ ନୂଆ କଥା ଶିଖାଇଛନ୍ତି ଏବଂ କାର୍ଯ୍ୟସ୍ଥଳରେ ମୋତେ ଉତ୍କୃଷ୍ଟ ହେବାକୁ ପ୍ରେରଣା ଦେଇଛନ୍ତି ।

**ପ୍ରଶ୍ନ- ଆପଣ ସିନେମାକୁ ଦେଖିବାକୁ ଭଲ ପାଆନ୍ତି । ଗୀତ, ଗଜଲ ଓ ବହି ଭିତରେ ବୁଡ଼ି ରୁହନ୍ତି । ଏ ରୁଚି ପଛର କାହାଣୀ କଣ?**

ଉତ୍ତର- ବହିଠାରୁ ଭଲ ବନ୍ଧୁ କେହି ନାହିଁ । ଏକଥା କୋଟିଏ ଥର ପୃଥିବୀରେ କୁହାଯାଇଛି । ମୋ ବଳକା ସମୟରେ ମୁଁ ବହି ଧରି ବସେ । ମତେ ଆତ୍ମଜୀବନୀ ପଢିବାକୁ ଭଲ ଲାଗେ, ସେଥିରେ ପ୍ରେରଣା ଓ ଉତ୍ସାହ ମିଳେ । ହଁ, ଏହା ସହ ସତ ମୁଁ ସିନେମା ଓ ଗୀତର ଭାରି ବଡ଼ ଫାନ୍ । ଲତା ଦିଦି ଓ ତଲତ ମେହମୁଦ ମୋର ପସନ୍ଦିଆ ଗାୟିକା ଓ ଗାୟକ । ଏବଂ ମୋର ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ପ୍ରତି ବିଶେଷ ରୁଚି ରହିଛି ।

ଆଉ ଗୋଟେ କଥା ମୁଁ କହିବାକୁ ଚାହିଁବି । ମରାଠୀ ଥିଏଟର ମୁଁ ପ୍ରାୟ ଦେଖେ । ଥିଏଟର ଏକ ଅଜବ କଳା, ସେଥିରେ ପ୍ରଗତିଶୀଳତା ଅଛି । ଏହାଛଡ଼ା ନିଉଜ୍ ସଂପର୍କରେ ମୁଁ ସବୁବେଳେ ନିଜକୁ ଅପଡେଟ୍ ରଖେ । ଆଜିକାଲି ମୁଁ ପଡକାଷ୍ଟ ମଧ୍ୟ ଶୁଣେ । ୬୦ ଦଶକର ସୁଚିତ୍ରା ସେନ୍ ମୋର ପସନ୍ଦିଆ ଅଭିନେତ୍ରୀଙ୍କ ମଧ୍ୟରୁ ଜଣେ ।

**ପ୍ରଶ୍ନ- ଦକ୍ଷିଣ ଓଡ଼ିଶାରେ ଆପଣ କାର୍ଯ୍ୟ କରିବାର ତିନି ବର୍ଷରୁ ଅଧିକ ସମୟ ହେଲାଣି । ଶକ୍ତି କ୍ଷେତ୍ରରେ ନୂଆ ବୈଷୟିକ ବିଦ୍ୟା ପ୍ରୟୋଗକୁ ଆପଣ ଦେଖିଛନ୍ତି । ସେ ସଂପର୍କରେ ଆପଣଙ୍କ ମତ କଣ ?**

ଉତ୍ତର- ଟାଟା କଂପାନୀ ସବୁଦିନେ ନୂଆ ବୈଷୟିକ ବିଦ୍ୟାକୁ ସର୍ବାଧିକ ଅଗ୍ରାଧିକାର ଦେଇ ଆସିଛି । ଦକ୍ଷିଣ ଓଡ଼ିଶାର ଭୌଗୋଳିକ କ୍ଷେତ୍ରଫଳ ବ୍ୟାପକ । ଏଠି ଆମକୁ ନୂଆ ନୂଆ ବୈଷୟିକ ବିଦ୍ୟାର ବ୍ୟବହାର କଲେ ହିଁ ଦୀର୍ଘକାଳୀନ ତଥା ଧାରଣୀୟ ବିକାଶ ସମ୍ଭବ ହୋଇପାରିବ । ଏବଂ ଆମେ



ତାହା କରିଛୁ । ଯେମିତି- ଜିଆଇଏସ୍, ସ୍କାଡ଼ା, ସ୍ମାର୍ଟ ମିଟର, ଏଫ୍‌ଜି ବିଲିଂ, ସୁରକ୍ଷା କବଚ ୨ ଓ ସୁରକ୍ଷା ପ୍ରହରୀ ଆପ୍ ଇତ୍ୟାଦି । ମୁଁ ବିଶ୍ୱାସ କରେ ଯେ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଦ୍ୱାରା ଆମେ ଏକ ବିରାଟ ଉପାୟରେ ସଫଳ ହୋଇଛୁ ।

**ପ୍ରଶ୍ନ- ଓଡ଼ିଶାକୁ ଆପଣ ଦେଖିଛନ୍ତି । କେମିତି ଲାଗେ ଏ ମାଟି, ଏ ପାଣି, ଏ ପବନ ?**

ଉତ୍ତର- ଓଡ଼ିଶା ଭାରି ସୁନ୍ଦରୀ । ମୁଁ ଯୁଆଡ଼େ ବି ଯାଏ, ବିଶେଷ କରି ଦକ୍ଷିଣ ଓଡ଼ିଶାରେ ଯେତେ କାମ ଓ ମିଟିଂରେ ବ୍ୟସ୍ତ ଥାଇ ଥକି ଯାଇଥିଲେ ବି ଯାତ୍ରା ବେଳେ ମୁଁ ପ୍ରକୃତିକୁ ଦେଖେ, ଦେଖେ ଦକ୍ଷିଣ ଓଡ଼ିଶାକୁ । ପ୍ରକୃତିର ଅପରୂପ ସୁନ୍ଦରର ଗନ୍ତାଘର ଓଡ଼ିଶା । ଏବଂ ଏହା ନିଚ୍ଛକ ସତ୍ୟ ଯେ ଓଡ଼ିଶା ହେଉଛି ଭାରତର ବହୁ ସମ୍ଭାବନାର ଗନ୍ତାଘର । ଲୋକମାନେ ଭାରି ଆତ୍ମୀୟ ଓ ଭଲ ପାଇବାର ପରିଭାଷାରେ ଅନ୍ୟ ରାଜ୍ୟର ଲୋକଙ୍କଠାରୁ ଢେର ଆଗରେ । ସେଇଲାଗି ତ ମୁଁ କହେ- ଓଡ଼ିଶା ଭାରି ଆତ୍ମୀୟ ।

# Consumer Centricity

## SANJOG CAMP SHINES A LIGHT ON CUSTOMER SERVICES

TPSODL firmly believes that informed consumers are empowered consumers. To ensure our customers are well-acquainted with the full spectrum of services and facilities we offer, the company organized the 'Connection' Camp. This campaign, organized last month at 20 selected locations TPSODL, aimed to enlighten the community on various essential aspects of customer services.




The camp was designed to delve into key topics such as the promotion of digital payment methods, electricity theft prevention, safeguarding against animal poaching, ensuring the safety of electrical installations, and promoting energy conservation. TPSODL's commitment to user awareness prompted to send out alerts to keep individuals informed.

Furthermore, the camp highlighted several benefits of utilizing e-services on the 'Mo-Bidyut' portal and 'My Tata Power App'. Whether it's applying for a new electricity connection or conveniently settling electricity bills, attendees received detailed guidance on navigating these processes. With these user-friendly options, TPSODL is ensuring that our consumers are not only satisfied but also well-informed about the convenient services available to them.

## Your feedback helps us serve you better



# In Focus

In these three years, TPSODL has learned, adopted, and overcome many challenges by integrating technology with operation. This integration has significantly increased our operation excellence by 90.41% in FY 23-24.

## 3 SAAL BEMISAAL

The deployment of SCADA has given us access to remote and hilly areas establishing reliable communication between the PSS (Primary Sub Station) and PSCC (Power Station control center) ensuring reliable and uninterrupted power supply to the consumers. Within 4.5 months around 121 PSS have been integrated with SCADA allowing remote monitoring from the Power System Control Centre. It is further, aiming to bring a total of 150 PSS on SCADA (Out of about 254) by the end of FY 23-24. Adopting a cost-effective alternative for building new structures, TPSODL is going to install Kiosks at rural locations, reducing LT power and control cabling.







The GIS mobile application has enabled our employees to access real-time updated data and also record their observations for further study. This ultimately contributed to establishing an advanced power supply network across TPSODL. GIS is a computer system that analyzes and displays geographical locations with information, for streamlining the process GIS has been integrated with ADMS, CYME, and Mo Bidyut.

## SCADA

- Increased operational excellency with 90.41% in FY 23-24.
- Implemented SCADA in 121 PSS within 4.5 months.
- Reliable communication in hilly and remote areas between the PSS and PSCC ensuring uninterrupted power supply.
- Aim to bring 150 PSS on SCADA (Out of about 254) by the end of FY 23-24.
- Fostering complete SCADA implementation across TPSODL in next 2 years.

# Inspiring Voices

## Debashri's Impactful Rural Outreach brings Consumer Trust



Traveling from village to village, in remote areas and far distant places connecting with farmers in meaningful interactions, and providing impactful solutions, meet Debashri Pattnaik, Lead Engineer in the Recovery and Collection Department. She has not only dedicated herself to understanding and resolving consumer issues but also included them in several government schemes.

**"As most of the farmers were not aware of the crucial agricultural government schemes, we conducted regular meetings with them, educating them about schemes like PM Kusum Yojana, Odisha Lift Irrigation, etc.," she said.**

Debashri and her team have successfully provided new connections to 4000 farmers under the Odisha Lift Irrigation scheme. Furthermore, they have proactively connected 1500 inactive consumers who disconnected their power supplies and turned them into active ones.



"Initially, we didn't have updated data related to our agricultural consumers, so we started mapping domestic consumers with agricultural consumers, which proved crucial in implementing government schemes effectively at the grassroots level, especially for farmers," she added.



Till now, Debashri updated 7000 consumer data and has increased her consumer base from 22 thousand to 31 thousand.

"Beyond the numbers, it's the positive impact on the lives of consumers and the successful resolution of challenges that define the true essence of our work. I take pride in being a part of such a team," she concludes with a smile.

## Event Hub

# TPSODL's 'Safety-Nest Program' to empower Govt. ITI students

TPSODL has forged a partnership with Government ITI Berhampur and Hinjilicut to empower students with the knowledge and expertise essential for a secure work environment within the power distribution sector. The MOU signing ceremony witnessed the presence of Amit Kumar Garg, CEO of TPSODL, Dr. Rajat Kumar Panigrahy, Principal of Govt. ITI Berhampur, and Er. Rajesh Tripathy, Principal of Govt. ITI Hinjilicut.



## ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ

ବିଜୁଳି ଶକ୍ତିର ସଂରକ୍ଷଣ ଓ ସୁବ୍ୟବହାର ସମ୍ପର୍କିତ ସଚେତନତା ସୃଷ୍ଟି କରିବା ନିମନ୍ତେ ଗତ ଡିସେମ୍ବର ୧୪ ତାରିଖରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଅବସରରେ କମ୍ପାନୀ ବିଦ୍ୟାଳୟସ୍ତରରେ ପ୍ରତିଯୋଗିତାମାନ ଆୟୋଜନ କରି ପିଲାମାନଙ୍କୁ ଏନେଇ ଶିକ୍ଷିତ କରିଛି । ଦକ୍ଷିଣ ଓଡ଼ିଶାର ବିଭିନ୍ନ ବିଦ୍ୟାଳୟରେ ପର୍ଯ୍ୟାୟକ୍ରମେ ଶକ୍ତି ସଂରକ୍ଷଣ ସମ୍ପର୍କିତ " କ୍ଲବ ଏନର୍ଜି " କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ବିଦ୍ୟୁତ ଶକ୍ତି ସଂରକ୍ଷଣ, ବିଦ୍ୟୁତ ଅପଚୟ ନକରିବା ନେଇ ପରାମର୍ଶ, ଶକ୍ତିର ବିଭିନ୍ନ ଉତ୍ସ ଓ ନବୀକରଣଯୋଗ୍ୟ ଶକ୍ତିର ପ୍ରକାରଭେଦ ଓ ଆବଶ୍ୟକତା ସମ୍ପର୍କରେ କାର୍ଯ୍ୟକ୍ରମରେ ଆଲୋଚନା ହୋଇଛି ।



## ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମହୋତ୍ସବରେ ସୁରକ୍ଷା ଶିବିର

ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ, ମେଳା ଓ ସାମାଜିକ କାର୍ଯ୍ୟକ୍ରମଗୁଡିକରେ ଟିପିଏସ୍ଓଡିଏଲ୍ ପକ୍ଷରୁ ସୁରକ୍ଷା ଶିବିରର ଆୟୋଜନ କରାଯାଉଛି । ବୌଦ୍ଧ ମେଳା, ରାୟଗଡାର ଚଇତି, ମାଲକାନଗିରିର ମାଲ୍ୟବନ୍ତ ମହୋତ୍ସବ, ନବରଙ୍ଗପୁରର ମଣ୍ଡେଇ ଏବଂ କୋରାପୁଟର ପରବ ମହୋତ୍ସବରେ ସୁରକ୍ଷା ଶିବିରର ଆୟୋଜନ ହୋଇଥିବା ବେଳେ ସୁରକ୍ଷା ମାର୍ଗଦର୍ଶିକା ଓ ଶକ୍ତି ସଂରକ୍ଷଣ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରାଯାଇଛି । ଶିବିରରେ ଏହି ସମ୍ପର୍କିତ ପ୍ରଚାର ପତ୍ର ତଥା ପତ୍ରିକାମାନ ବଣ୍ଟନ କରାଯିବା ସହ ସାଧାରଣ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କୁ ସଚେତନ କରାଯାଉଛି ।



# 'Ghar se Ghar tak, Suraksha ke Sath' : A celebration of safety




In pursuit of 'mission zero harm, TPSODL has introduced 'Ghar se Ghar tak, Suraksha ke Sath' an impactful behavioural intervention. This campaign involves the BA workforce and their family members. This campaign aims to create safety awareness among BA employees and instructs them to follow safety procedures during work. Around 15 BA families in the Chatrapur division of Ganjam district were educated about different safety measures, from identifying and mitigating potential hazards.

# ବଣଭୂଇଁର ସୌନ୍ଦର୍ଯ୍ୟ-ପୁଟସିଲ

ଆଦିବାସୀଙ୍କ ଆଦିଭୂମି କୋରାପୁଟ। ପ୍ରକୃତି ଯେଉଁଠି ଅଜାଡି ଦେଇଛି ସବୁତକ ସୌନ୍ଦର୍ଯ୍ୟ। ପୂର୍ବଘାଟର ମାଳ ମାଳ ପାହାଡ ଭିତରେ ଛୋଟ ଛୋଟ ଉପତ୍ୟକା ଆଉ କ୍ଷୁଦ୍ର ଜନବସତି। ସେମିତି ଏକ ଅନୁପମ ଇଲାକା ପୁଟସିଲ। ଯାହାକୁ କୁହାଯାଏ ଓଡିଶାର ସ୍ୱିଜରଲାଣ୍ଡ। ଓଡିଶାର ଉଚ୍ଚତମ ଶୃଙ୍ଗ ଦେଓମାଳିର ପାଦଦେଶରେ ରହିଛି ପୁଟସିଲ। କୋରାପୁଟ ସହରରୁ ଏହାର ଦୂରତା ପ୍ରାୟ ୪୦ କିମି ।

ସବୁଜ ଭୂମିରୁ ସୁନୀଳ ଭୂମା ଯାଏଁ, ସବୁ ମନଲୋଭା ଦୃଶ୍ୟ ପୁଟସିଲରେ ଦେଖିବାକୁ ମିଳେ। ବିଶେଷ କରି ବର୍ଷା ଦିନେ ଆହୁରି ସୁନ୍ଦର ଲାଗେ ଏହାର ପରିବେଶ। ପୁଟସିଲ ଯାତ୍ରାରେ ଅଣଓସାରିଆ ଗାଁ ରାସ୍ତା ଦେଇ ଯିବାକୁ ପଡେ । ପଥପାର୍ଶ୍ୱରେ ପାହାଡୀ ଝରଣାର ଅମାନିଆ ଶବ୍ଦ ପ୍ରକୃତିପ୍ରେମୀଙ୍କୁ କରେ ମନ୍ତ୍ରମୁଗ୍ଧ। ବାଟରେ ଭେଟ ହୁଏ କଫି ବଗିଚା। ଅନୁଭବ ହୁଏ, ଯେମିତି କୋରାପୁଟ ଓ କଫି ଜମା ଅଲଗା ନୁହଁନ୍ତି। ପୁଟସିଲକୁ ଘେରି ରହିଛି ପାହାଡର ସବୁଜିମା ଏବଂ ପାହାଡ ଦେହରେ ବହି ଯାଉଛି ଦୁଧାରି,ଉପରକାନ୍ତି ଆଦି ଜଳପ୍ରପାତ।

ଅନ୍ୟ ପର୍ଯ୍ୟଟନ ସ୍ଥଳ ଭଳି ପୁଟସିଲ ଏତେଟା ଲୋକଲୋଚନକୁ ଆସିନି। ସ୍ପର୍ଶ କରିନି ଆଧୁନିକତା। ଲାଗିନି ପ୍ରଦୂଷଣର ଦାଗ। ସେଥିପାଇଁ ଏଠାରେ ପ୍ରକୃତିର ଅମଳିନ ଶୋଭା ସାଙ୍ଗକୁ ସତେଜ ବାତାବରଣ ପର୍ଯ୍ୟଟକର ମନକୁ ମତୁଆଲା କରେ। ଇଚ୍ଛା ହୁଏ କିଛି ସମୟ ଶାନ୍ତ ଶୀତଳ ପୁଟସିଲରେ ନିଜକୁ ହଜେଇଦେବା ପାଇଁ। ତା'ସହ ପାହାଡରେ ରୋମାଞ୍ଚଭରା ଟ୍ରେକିଂର ମଜା ଉଠାନ୍ତି ପର୍ଯ୍ୟଟକ। ପାହାଡ ଶିଖରରେ ପହଞ୍ଚି ଚାରିଆଡେ ଆଖି ବୁଲାଇ ଦେଖିପାରିବେ ପ୍ରକୃତିର ଏହି ଅପରୂପ ସୌନ୍ଦର୍ଯ୍ୟକୁ।



ଆଖପାଖ ଛୋଟ ଛୋଟ ଗାଁରେ ଜନଜାତିଙ୍କ ଜୀବନଶୈଳୀ, ଲୋକନୃତ୍ୟ, କଳା ସଂସ୍କୃତି ସମ୍ପର୍କରେ ଜାଣିପାରିବେ। ଜ୍ଞାନପିପାସୁ ଲୋକେ ଏଠାକାର ପ୍ରକୃତି, ପରିବେଶ, ଆଦିବାସୀ ସଭ୍ୟତା ବିଷୟରେ ଗବେଷଣା କରିବା ପାଇଁ ଆସନ୍ତି । ବିଶେଷ କରି ଶୀତଦିନେ ଛୁଟି କଟାଇବା ସହ ପିକନିକ୍ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସୁଅ ଛୁଟେ । ସହରୀ କୋଳାହଳରୁ ଟିକେ ବିଶ୍ରାମ ନେଇ ଲୋକେ ପୁଟସିଲ ବୁଲି ଆସନ୍ତି। ଏଠାରେ ସରକାର ଇକୋ-ରିଟ୍ରିଟ ବ୍ୟବସ୍ଥା କରିଛନ୍ତି । ପର୍ଯ୍ୟଟକଙ୍କ ପାଇଁ ରୋମାଞ୍ଚକର କ୍ରୀଡା, ପାରାଗ୍ଲାଇଡିଂ, ଟ୍ରେକିଂ, ଧନୁ ତୀର, ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି ।

ପୁଟସିଲ କ୍ରମଶଃ ଆକର୍ଷଣୀୟ ହେଉଛି। ସେଇଠି କ୍ରମଶଃ ବଢୁଛି ପର୍ଯ୍ୟଟକଙ୍କ ଭିଡ। ହୁଏତ ଆଗାମୀ ଦିନରେ ପୁଟସିଲ ପ୍ରସିଦ୍ଧ ହେବ। ପ୍ରାକୃତିକ ସ୍ଥାନର ମାନଚିତ୍ରରେ ଶୋଭା ପାଇବ।ଆଉ ବେଶି ବେଶି ପର୍ଯ୍ୟଟକଙ୍କୁ ପାଇବ ।

# IN NEWS



BRIGHT BEGINNING

## Joy of 'power' for PVTG habitations in Odisha

HEMANT KUMAR ROUT
@ Bhubaneswar

THE eyes of Sukra Muduli light up as she explains how her granddaughters are doing well in studies since their tiny house on Bonda hills under Khairput block of Malkangiri district got power supply recently.

Her grandchildren can now not only study in the evening

ter India gained Independence, 81 villages of Particularly Vulnerable Tribal Groups (PVTGs) in Malkangiri, Rayagada, Kandhamal and Ganjam districts that come have finally been electrified.

These PVTG villages are under the ambit of TP Southern Odisha Distribution Limited (TPSODL), one of the four distribution companies which are a joint venture between Odisha … Tata Power. … registered PVTG … der Biju Gram … GJY), 81 have

SPREADING LIGHT

81 PVTG habitations electrified under BHJY

Among 61 recently electrified villages, 44 are in Malkangiri

The PVTGs are paying their bills on time

Discom meets its March target by collecting ₹1 lakh from each village

Sources said among the recently electrified 61 villages, 44 … located in Malkangiri, sev-

were illuminated.

"Earlier my village used to remain in darkness due to absence of electricity. I could never have imagined such a transformation in my lifetime. It is truly heartwarming to witness my native lit up in the evening," said Muduli.

Out of 75 PVTGs identified in the country, 13 are found in Odisha. They reside in 542 villages of 12 districts. Despite the challenges posed by the scattered and transient nature of PVTG habitations, TPSODL intensified efforts, prioritising electrification of the villages in southern Odisha.

now paying every month due to regular visits of collection staff.

"They never default and we usually fulfill our March month target by collecting around ₹1 lakh from each village," said an official.

TPSODL CEO Amit Garg said access to electricity is a catalyst for positive change and socio-economic upliftment. "The support of the state government has been making this initiative a reality. Electrification will promote inclusive progress, fostering progress and development for PVTG communities," he added. More than 10 lakh electricity connec-

## TPSODL Inks MOU with Govt. ITIs for Safety-Nest Program

STATESMAN NEWS SERVICE
BERHAMPUR, 30 DECEMBER

In a significant move towards …

CEO, TPSODL, Dr. Rajat Kumar Panigrahy, Principal of Govt. ITI Berhampur, and Er. Rajesh Tripathy, Principal of Govt.

## ସୁରକ୍ଷା ଓ ଦକ୍ଷତା ବିକାଶ ଲକ୍ଷ୍ୟ

## ଆଇଟିଆଇ ସହ ଟିପିଏସ୍‌ଓଡିଏଲର ବୁଝାମଣା

ବ୍ରହ୍ମପୁରର ଓ ହିଞ୍ଜିଳିକାଟୁ ଆଇଟିଆଇ ସହ ଚୁକ୍ତିପତ୍ର ସ୍ୱାକ୍ଷରିତ

## TPSODL Celebrated National Energy Conservation Day

Berhampur (AOBureau): TP Southern Odisha Distribution Limited (TPSODL) celebrated National En…

## TPSODL's interactive WhatsApp service proves to be consumer-friendly

BERHAMPUR, DEC 7

TP Southern Odisha Distribution Limited (TPSODL) offers value added services to its customers through an interactive WhatsApp service. This service has proven successful in streamlining customer interactions and reducing time consumption.

More people are now using TPSODL's WhatsApp service instead of seeking physical solutions or updates, with customer feedback indicating high satisfaction. Accessible user-friendliness … through the WhatsApp number 7777002375, this service aims to provide customers with seamless convenient solutions.

The interactive WhatsApp service delivers a comprehensive customer experience by addressing queries and concerns, including issues related to duplicate bills, mobile number & e-mail ID registration, real-time complaint registration, and status updates.

## ଗ୍ରାହକ ସେବାକୁ ସହଜ କରିଛି ଇଣ୍ଟରଆକ୍ଟିଭ ହ୍ୱାଟ୍ସଆପ

## ଟିପିଏସ୍‌ଓଡିଏଲ୍ ପକ୍ଷରୁ ଜାତୀୟ ଶକ୍ତି ସଂରକ୍ଷଣ ଦିବସ

## … ପାଳିଲା ଶକ୍ତି ସଂରକ୍ଷଣ ଦିବସ

## ଗ୍ରାହକ ସେବାକୁ ସହଜ କରିଛି ଇଣ୍ଟରଆକ୍ଟିଭ ହ୍ୱାଟସ୍ ଆପ

TPSODL

TP SOUTHERN ODISHA
DISTRIBUTION LIMITED
(A Joint Venture of Tata Power and Government of Odisha)

**Get in Touch With us:**
corpcomm@tpsouthernodisha.com